# ପିଲାଙ୍କ ଧରିତ୍ରୀ

ଶନିବାର, ୨ ଏପ୍ରିଲ, ୨୦୨୨



# ଅହଙ୍କାର ଦୂର କର

ଗପ

ରାଜାରାଜୁଡ଼ା ସମୟରେ ଅନେକ ପ୍ରଜାବତ୍ସଳ ରାଜା ଥିବା ବେଳେ ଆଉ କେତେକ ଥିଲେ ପ୍ରବଳ ଅହଙ୍କାରୀ ପ୍ରକୃତିର। ସେମାନେ ନିଜକୁ ଖୁବ୍ ବଡ଼ ବୋଲି ଭାବୁଥିଲେ। ଥରେ ଜଣେ ପଣ୍ଡିତ ନିଜ ରାଜ୍ୟର ରାଜାଙ୍କ ପାଖକୁ ଗଲେ। ପଣ୍ଡିତଙ୍କୁ ନମସ୍କାର କରିବାକୁ ମନ୍ତ୍ରୀମାନେ ରାଜାଙ୍କୁ ଅନୁରୋଧ ଜଣାଇଲେ। କିନ୍ତୁ ଅହଂକାରୀ ରାଜା ଏ କଥାକୁ ପ୍ରତ୍ୟାଖ୍ୟାନ କରି କହିଲେ,"ମୁଁ ଏତେ ବଡ଼ ରାଜ୍ୟର ରାଜା। ମୋର ମୁଣ୍ଡ କ'ଣ ଏତେ ଶସ୍ତା ଯେ ସାମାନ୍ୟ ପଣ୍ଡିତଙ୍କୁ ମୁଁ ପୁଣି ନମସ୍କାର କରିବି? ଏକଥା ପଣ୍ଡିତ ଶୁଣିପାରିଲେ। କିଛି ନ କହି ସେଠାରୁ ସେ ଫେରିଗଲେ। ଏକ ଛକ ଜାଗାରେ ମାତ୍ର ୧୦ଟଙ୍କା ମୂଲ୍ୟରେ ବିକିବାକୁ ସ୍ଥିର କରି ଗୋଟିଏ ଛେଳିର ମୁଣ୍ଡ, ଅନ୍ୟ ଦୁଇଟି ଗାଈର ଓ ଗୋଟିଏ ମଣିଷ ମୁଣ୍ଡ ରଖିଲେ। ପଣ୍ଡିତ ଦୋକାନ ଖୋଲିବା ମାତ୍ରେ ଲୋକ ଜମା ହୋଇଗଲେ। କିଛି ସମୟ ଭିତରେ ପ୍ରଥମେ ଛେଳି ଓ ପରେ ପରେ ଗାଈ ମୁଣ୍ଡ ମାତ୍ର ୧୦ ଟଙ୍କାରେ ଲୋକେ କିଣି ନେଲେ। ହେଲେ, ମଣିଷ ମୁଣ୍ଡକୁ କେହି କିଣିଲେ ନାହିଁ। ସେମାନେ ଭାବିଲେ ଏ କଟା ମଣିଷ ମୁଣ୍ଡଟା ନେଇ ଆମେ କ'ଣ କରିବୁ? ସମୟ ଗଡ଼ି ଚାଲିଲା। ମଣିଷ ମୁଣ୍ଡକୁ କୌଣସି ଲୋକ ନ କିଣିବାରୁ ପଣ୍ଡିତ ଏହାକୁ ଅଧାଦାମ ଅର୍ଥାତ୍ ୫ ଟଙ୍କା କରି ବିକିବାକୁ ବଡ଼ ପାଟିରେ ଡାକିଲେ। ତା' ପରେ ମଧ କୌଣସି ଲୋକ କିଣିଲେ ନାହିଁ। ପରେ ପରେ ୩ ଟଙ୍କା, ୨ ଟଙ୍କା, ୧ ଟଙ୍କା କରି ଡାକ ଛାଡ଼ିଲେ ବି କେହି କିଣି ନ ଥିଲେ। ଶେଷରେ ପଣ୍ଡିତ ମାଗଣାରେ ମଣିଷ ମୁଣ୍ଡ ଦେବେ ବୋଲି ବଡ଼ ପାଟିରେ ଡାକ ପକାଇଲେ, କିନ୍ତୁ ଲୋକେ ମୁହଁ ମୋଡ଼ି ଚାଲି ଯାଉଥିଲେ।



ଠିକ୍ ଏହି ସମୟରେ ଅହଂକାରୀ ରାଜା ପାରିଧିସାରି ସେଇ ବାଟ ଦେଇ ଆସୁ ଆସୁ ସେଠାରେ ଏଭଳି ଦୃଶ୍ୟ ଦେଖି ଅଟକି ସ୍ତବ୍ଧ ହୋଇଗଲେ। ଲୋକେ ଛେଳି, ଗାଈ ମୁଣ୍ଡକୁ କିଣିଥିଲେ ବି ବିନା ମୂଲ୍ୟରେ ମଣିଷ ମୁଣ୍ଡକୁ ନେଉ ନ ଥିଲେ। ସେଦିନ ଏ ମଣିଷ ମୁଣ୍ଡଟା ସମ୍ପୂର୍ଣ୍ଣ ନିରର୍ଥକ ବୋଲି ରାଜା ମର୍ମେ ମର୍ମେ ଅନୁଭବ କଲେ। ନିଜେ ଅହଙ୍କାରରେ ଅନ୍ଧ ହୋଇ ଯାଇଥିଲେ। କିନ୍ତୁ ପଣ୍ଡିତ ବ୍ୟକ୍ତିଙ୍କ ଏଭଳି ପରୀକ୍ଷା ରାଜାଙ୍କ ମାନସିକତାରେ ପରିବର୍ତ୍ତନ ଆଣିଥିଲା। ରାଜା ସଙ୍ଗେ ସଙ୍ଗେ ତାଙ୍କ ଗୋଡ଼ ତଳେ ପଡ଼ି ସାଷ୍ଟାଙ୍ଗ ପ୍ରଣିପାତ କଲେ। ନିଜ ଅହଙ୍କାର ଗୁଣ ପାଇଁ ପଣ୍ଡିତଙ୍କ ପାଖରେ କ୍ଷମା ପ୍ରାର୍ଥନା କରିଥିଲେ। ସତରେ ଆପଣ କେଡ଼େ ମହାନ୍। ମୋର ସଂକୀର୍ଣ୍ଣ ମନୋଭାବକୁ ବଦଳାଇ ଦେଇଛନ୍ତି ବୋଲି କହି ରାଜାଙ୍କ ଆଖିରୁ ଦୁଇ ଟୋପା ଲୁହ ବାହାରିଗଲା। ଆପଣ ମୋର ଚିନ୍ତା, ବଚନ, କର୍ମ ତଥା ଚେତନାକୁ ନୂଆ ଦିଗ୍‌ଦର୍ଶନ ଦେଇଥିବାରୁ ସେ ପଣ୍ଡିତଙ୍କ ପାଖରେ କୃତଜ୍ଞତା ଜ୍ଞାପନ କଲେ। ପରେ ପରେ ରାଜାଙ୍କର ଅହଙ୍କାର ଦୂର ହୋଇଗଲା। ସେ ରାଜ୍ୟର ସବୁ ପ୍ରଜାଙ୍କୁ ଭଲ ପାଇଲେ। ସେମାନଙ୍କୁ ପୁଅ ଝିଅ ପରି ପାଳିଲେ। ଗରିବ ଲୋକଙ୍କ ପାଇଁ ବାସଗୃହ ମଧ୍ୟ ତିଆରି କରିଦେଲେ। ଥରେ ରାଜା ମନ୍ତ୍ରିମଣ୍ଡଳ ସଭାରେ କହିଲେ,ସମସ୍ତଙ୍କ ପାଇଁ ମୋର ପ୍ରତିଟି ଭାବନା ଓ କର୍ମକୁ ସମର୍ପଣ କରିଦେବି।

ସୁତରାଂ କେବଳ ଅହଙ୍କାର ଶୂନ୍ୟ ହେଲେ ମନୁଷ୍ୟର ପ୍ରତିଭା ବିକଶିତ ହେବ। ଆମର ଚିନ୍ତା ଓ ଚେତନାରେ ଦିବ୍ୟତ୍ୱଭାବ ବୃଦ୍ଧି ହୋଇ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ହେବ। ଏଣୁ କୁହାଯାଇଛି," ନିରହଙ୍କାର ହୋଇ ହୃଦୟ ସାଗର କୂଳରେ ରତ୍ନବେଦିରେ ଅବସ୍ଥାପିତ ଆତ୍ମାକୁ ପରମାତ୍ମାଙ୍କ ସହତ ମିଳନର ପଥକୁ ସୁଗମ କରିଦିଅ। ହୃଦୟ ଥରିଟିକୁ ପ୍ରେମପୂର୍ଣ୍ଣ କରି ଏକ ସତ୍ୟ, ଶିବ, ସୁନ୍ଦର ସମାଜ ଗଢ଼ିବାକୁ ସାମର୍ଥ୍ୟ ହାସଲ କରୁଥାଅ।"

**-ଶଶଧର ମହନ୍ତୀ**
ପ୍ରଧାନ ଶିକ୍ଷକ, ବରାଳପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୭୪୭

## ଖିଲି ଖିଲି ହସ

**(ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା...)**

**ପ୍ରଥମ ସାଙ୍ଗ:** ଆରେ ସାଙ୍ଗ ଜାଣିଲୁ, ମୁଁ କାଲି ବସ୍‌କୁ ଅପେକ୍ଷା କରି ଏତେ ଥକି ଗଲି ଯେ, ସାଙ୍ଗେ ସାଙ୍ଗେ bmw କିଣିଦେଲି।
**ଦ୍ୱିତୀୟ ସାଙ୍ଗ(ଆଶ୍ଚର୍ଯ୍ୟରେ...):** ସତରେ! ତୁ bmw କିଣିଦେଲୁ।
**ପ୍ରଥମ ସାଙ୍ଗ:** ହଁ ରେ।
**ଦ୍ୱିତୀୟ ସାଙ୍ଗ:** ହେଲେ କେମିତି?
**ପ୍ରଥମ ସାଙ୍ଗ:** ଆରେ, BISLERI MINERAL WATER।

**(ହରି ଓ ବୁଲୁ କଥା ହେବା ସମୟରେ...)**

**ହରି:** ବୁଲୁ ତୋ ଜନ୍ମଦିନ କେଉଁ ଦିନ କହିଲୁ?
**ବୁଲୁ:** ମଙ୍ଗଳବାର। ଆଉ ତୋ ଜନ୍ମଦିନ?
**ହରି:** ରବିବାର।
**ବୁଲୁ:** ଏଁ...ରବିବାର ତ ଛୁଟିଦିନ। ସେଦିନ ସବୁ ବନ୍ଦ। ଆଉ ତୁ କେମିତି ଜନ୍ମହେଲୁ?

**(ରାଜୁକୁ ଶିକ୍ଷକଙ୍କ ପ୍ରଶ୍ନ...)**

**ଶିକ୍ଷକ:** ଆଚ୍ଛା ରାଜୁ, ଇଂରାଜୀରେ ଏକ ବଡ଼ ଶବ୍ଦ କହିଲୁ?
**ରାଜୁ:** ସ୍ମାଇଲ୍‌ସ୍ (ସ୍...ମା...ଇ...ଲ୍...ସ୍)।
ଶିକ୍ଷକ(ଆଶ୍ଚର୍ଯ୍ୟରେ)- ଆରେ କେମିତି?
**ରାଜୁ:** ସାର୍! ଶବ୍ଦର ପ୍ରଥମ ଅକ୍ଷର ଓ ଶେଷ ଅକ୍ଷର ମଧ୍ୟରେ ଏକ ମାଇଲ୍ ବ୍ୟବଧାନ ଅଛି। ସେଥିପାଇଁ ଏହା ଇଂରାଜୀର ସବୁଠୁ ବଡ଼ ଶବ୍ଦ।

**ତୁମ ପଢ଼ିବା ପାଇଁ**

## ଆମ ସୁନା ସକାଳ

ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ ସୁନା ସକାଳ'ରେ ସ୍ଥାନିତ ହୋଇଛି ପିଲାଙ୍କ ମନକୁ ଛୁଇଁଲା ଭଳି ଉପାଦେୟ ଗପ, କବିତା। ସେଗୁଡ଼ିକ ମଧ୍ୟରେ ରହିଛି ନୂଆ ବରଷର ଗୀତ, ବାଇ ଚଢ଼େଇ, ଲାଲ୍ ଟୁକୁ ଟୁକୁ ପରଜାପତି, ମା' ପାଇଁ ଗୀତଟିଏ, ହେବା ଜଗତଜିତା, ଚତୁର ଚରଣ, ଆଶାର ଆକାଶ ଆଦି ବିଷୟବସ୍ତୁ। ସଂଯୁକ୍ତ କୁମାର ପରିଡ଼ାଙ୍କ ଦ୍ୱାରା ସମ୍ପାଦିତ ଏହି ପୁସ୍ତକର ମୂଲ୍ୟ ରହିଛି ୨୫ ଟଙ୍କା। ଯୋଗାଯୋଗ ଠିକଣା-ଆମ ସୁନା ସକାଳ, ଲୋକାପଡ଼ା, ଆଳି, କେନ୍ଦ୍ରାପଡ଼ା।




## ମତାମତ

❖ ଗତ ସପ୍ତାହରେ ଆଇନା ପୃଷ୍ଠାରେ ପ୍ରକାଶିତ ପିଲାଙ୍କ ଫଟୋ ଦୁଇଟି ଖୁବ୍ ସୁନ୍ଦର ଥିଲା।

**-ମୌମିତା ମହାପାତ୍ର, ହିଞ୍ଜିଳି, ଗଞ୍ଜାମ**

❖ ପୃଷ୍ଠା ୩ରେ ପ୍ରକାଶିତ 'ପରୀକ୍ଷା ପ୍ରସ୍ତୁତି' ଟି ପଢ଼ି କିଛି ନୂଆ କଥା ଜାଣିବାକୁ ପାଇଲି। ସେହି ଅନୁସାରେ ମୁଁ ନିଜକୁ ମଧ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଛି।

**-ଶୁଭଜିତ୍ ପାତ୍ର, ନିଆଳି, କଟକ**

❖ 'ତୁମ ତୂଳୀରୁ' ପୃଷ୍ଠାରେ ପ୍ରକାଶିତ ଚିତ୍ରଗୁଡ଼ିକ ଆକର୍ଷଣୀୟ ଲାଗୁଛି। ଏହା ପିଲାମାନଙ୍କୁ ଅଧିକ ଚିତ୍ର କରିବାକୁ ଉତ୍ସାହିତ କରିବ।

**-ନନ୍ଦିତା ସ୍ୱାଇଁ, ବୈତରଣୀ ରୋଡ଼, ଯାଜପୁର**

❖ ପ୍ରତି ଥର 'ଗିନିଜ୍ ୱାର୍ଲ୍ଡ ରେକର୍ଡ'ରେ ନୂଆ ବିଷୟରେ ବାହାରୁ ଥିବାରୁ ପଢ଼ିବାକୁ ଭଲ ଲାଗୁଛି।

**-ମଧୁସ୍ମିତା ପତି, ଯାଆଁଳା, ଖୋର୍ଦ୍ଧା**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



**କରୋନା ସମୟରେ ପିଲାଙ୍କ ପାଇଁ ଆଉଟ୍‌ଡୋର ଗେମ୍‌ର ସ୍ଥାନ ନେଇଥିଲା ଅନ୍‌ଲାଇନ ଗେମ୍। କିନ୍ତୁ ଏହାର ମାତ୍ରାଧିକ ବ୍ୟବହାର ଯେ, କେତେକେବେ ମନୋରଞ୍ଜନରୁ ଯାଇ  ନିଶା ପାଲଟିଗଲା ତାହା ସେମାନେ ଜାଣିପାରିଲେ ନାହିଁ। ଆଉ ଏହା ସେମାନଙ୍କଠାରେ ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଲା।  ଯାହାକୁ ରୋକିବା ଲାଗି ଅନ୍‌ଲାଇନ ଗେମ୍ ଖେଳିବା ବେଳେ ବିଭିନ୍ନ ଦିଗ ପ୍ରତି ସଜାଗ ରହିବା ବୁଦ୍ଧିମତ୍ତାର କାର୍ଯ୍ୟ...**




# ଅନ୍‌ଲାଇନ ଗେମ୍ କ୍ରେଜ୍

ଆଜିର ଦୈନନ୍ଦିନ ଜୀବନରେ ଅଧିକାଂଶ ପିଲାଙ୍କ ମନୋରଞ୍ଜନର ମାଧ୍ୟମ ସାଜିଛି ଅନ୍‌ଲାଇନ ଗେମ୍। କମ୍ପ୍ୟୁଟର, ମୋବାଇଲ ଧରି କିମ୍ବା କୌଣସି ଗେମ୍ ପାର୍ଲରକୁ ଯାଇ ପିଲା ଘଣ୍ଟା ଘଣ୍ଟା ଧରି ଖେଳରେ ମାତୁଛନ୍ତି। ଯଦିଓ ଗେମ୍ ମେକର କମ୍ପାନୀ ମନୋରଞ୍ଜନ, ରିଲାକ୍ସ, ଲର୍ନିଂ କିମ୍ବା ଆଇକ୍ୟୁ ଡେଭଲପମେଣ୍ଟ ପାଇଁ ବିଭିନ୍ନ ଅନ୍‌ଲାଇନ ଗେମ୍ ତିଆରି କରିଥାନ୍ତି। କିନ୍ତୁ ବେଳେବେଳେ ଏହାର ଅତ୍ୟଧିକ ବ୍ୟବହାର ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। କରୋନା ସମୟରେ ଏହି ଅନ୍‌ଲାଇନ ଗେମିଂ ଆପ୍‌ର ଚାହିଦା ବହୁ ମାତ୍ରାରେ ବଢ଼ିଯାଇଥିଲା। ଅନ୍‌ଲାଇନ ଗେମ୍ ଗାରେନା ଫ୍ରି ଫାୟାର, ବ୍ୟାଟେଲ ଗ୍ରାଉଣ୍ଡ ପବ୍‌ଜି, କଲ୍ ଅଫ୍ ଡ୍ୟୁଟି, କ୍ୟାଣ୍ଡି କ୍ରସ୍, ଲୁଡୋ କିଙ୍ଗ୍, ବ୍ଲୁ ହ୍ୱେଲ୍, କଏନ୍ ମାଷ୍ଟର, କ୍ଲାସ୍ ଅଫ୍ କ୍ଲାନ୍‌ସ, ଟେମ୍ପୁଲ ରନ୍ ଇତ୍ୟାଦି ପିଲାମାନଙ୍କ ମଧ୍ୟରେ ପପୁଲାର ହେବାରେ ଲାଗିଲା। ଘରେ ବସି ବୋରିଂ ହେବା ଅପେକ୍ଷା ସେମାନେ ଅନ୍‌ଲାଇନ ଗେମ୍ ଖେଳିବାକୁ ଅଧିକ ପସନ୍ଦ କଲେ। ହେଲେ ଏହା ମନୋରଞ୍ଜନ ପରିବର୍ତ୍ତେ ନିଶା ପାଲଟିଗଲା। ୨୦୧୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନ୍‌ଲାଇନ ଗେମ୍‌କୁ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି ରୂପରେ ଘୋଷଣା କରିଛନ୍ତି। ଏହିସବୁ ଅନ୍‌ଲାଇନ ଗେମ୍ ସେମାନଙ୍କର ଗ୍ରାଫିକ୍ସ, ଆକ୍ସନ ଏବଂ ଗେମିଂ ଆକ୍ଟିଭିଟି ଦ୍ୱାରା ପିଲାମାନଙ୍କୁ ଆକର୍ଷିକ କରିଥାଏ। ଏହାଦ୍ୱାରା ଅଧିକାଂଶ ପିଲା ଖାଇବା,ପିଇବା ଓ ପାଠପଢ଼ା ଛାଡ଼ି ଦିନସାରା ଖେଳରେ ମାତିଯାଆନ୍ତି। କେତେକ ଗେମ୍ ପିଲାଙ୍କର ଆଡିକ୍ସନ ପାଲଟିଯିବା ସହ ମସ୍ତିଷ୍କରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ। ଦିଲ୍ଲୀ ଏନ୍‌ସିଆର୍‌ରେ ଜଣେ ୧୫ବର୍ଷର ବାଳକ ପବ୍‌ଜି ଖେଳ ନିଶାରେ ୨ମାସ ମଧ୍ୟରେ ନିଜ ଜେଜେବାପାଙ୍କ ଆକାଉଣ୍ଟରୁ ୨.୩୦ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଲେ। ସେହିପରି ବାରମ୍ବାର ହାରିବା ଦୁଃଖରେ ଭୁବନେଶ୍ୱରର ୧୨ବର୍ଷର ବାଳକ ଆତ୍ମହତ୍ୟା କରିଥିଲେ। ପିଲାମାନେ ଅନ୍‌ଲାଇନ ଗେମ୍ ଦ୍ୱାରା ବହୁ ମାତ୍ରାରେ ପ୍ରଭାବିତ ହୋଇ ନିଜ ଜୀବନ ହାରିବାକୁ ମଧ୍ୟ ପଛାଉ ନାହାନ୍ତି।

## ଅନ୍‌ଲାଇନ ଗେମ୍‌ର ପ୍ରଭାବ

- କେତେଜଣ ପିଲାଙ୍କଠାରେ ଅନ୍‌ଲାଇନ ଗେମ୍ ଖେଳିବା ଏକ ଏଭଳି ନିଶା ପାଲଟିଯାଇଛି ଯଦ୍ୱାରା ସେମାନେ ଏହି ଆଳରେ ଖାଇବା ସାଙ୍ଗକୁ ରାତିରେ ଶୋଇବା ମଧ୍ୟ ଭୁଲିଯାଆନ୍ତି। ଏହି ଅବହେଳା ଯୋଗୁ ସେମାନେ ଚିଡ଼ିଚିଡ଼ା ହେବା, ଗ୍ୟାସ୍, ବଦହଜମୀ, ଆଖି ତଳ କଳା ପଡ଼ିବା ଇତ୍ୟାଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।
- ଏହା  ନିଶାରେ ପରିଣତ ହୋଇଯିବା ଦ୍ୱାରା ଖେଳିବାକୁ ବାରଣ କରାଗଲେ ସେମାନେ ଚିଡ଼ିଚିଡା ଓ ବିରକ୍ତି ସ୍ୱଭାବର ହୋଇଯାନ୍ତି। ଏହାସହ ସେମାନେ ଇଣ୍ଟରନେଟ୍ ଆଡିକ୍ସନ୍ ଡିଜଅର୍ଡର ରୋଗର ଶିକାର ହୋଇଥାନ୍ତି।
- ବିନା ମୋବାଇଲରେ ସେମାନେ ଅସ୍ଥିର ଓ ମାନସିକ ଚାପରେ ରୁହନ୍ତି। ସେମାନଙ୍କର ପାଠପଢ଼ାରେ ମନ ଲାଗି ନ ଥାଏ। ସ୍ମରଣ ଶକ୍ତି ହ୍ରାସ ହେବା ସହ ଦୃଷ୍ଟିଶକ୍ତି ମଧ୍ୟ ହ୍ରାସ ପାଇଥାଏ।
- ଗେମ୍ ଖେଳିବା ଲାଗି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିରହିବା ଦ୍ୱାରା  ବେକ, କାନ୍ଧ, ହାତ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ମଧ୍ୟ ଦେଖାଦେଇଥାଏ। ଏହାବ୍ୟତୀତ ଆଉଟ୍‌ଡୋର ଗେମ୍ ନ ଖେଳିବା ଯୋଗୁ ଶାରୀରିକ ପରିଶ୍ରମ ଅଭାବରୁ ସେମାନେ ଅଳସୁଆ ହୋଇଯିବା ସହ ଅଳ୍ପ ବୟସରୁ ମେଦବହୁଳତା ଭଳି ବିଭିନ୍ନ ରୋଗର ଶିକାର ମଧ୍ୟ ହୋଇଥାନ୍ତି।



## ନିଶା ନ ପାଲଟୁ ଅନ୍‌ଲାଇନ ଗେମ୍



ମୁଖ୍ୟତଃ କରୋନା ମହାମାରୀ ସମୟରେ ସ୍ମାର୍ଟଫୋନ୍, ଟାବ୍‌ଲେଟ୍, ଲାପ୍‌ଟପ୍ ଆଦିରେ ଅନ୍‌ଲାଇନ ଗେମ୍ ଖେଳିବାର ଚାହିଦା ଢେର୍ ବଢ଼ିଗଲା। ଆଉ ଯେଉଁଥିରେ ପିଲାମାନେ ବେଶି ପ୍ରଭାବିତ ହେଲେ। ଏହାର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ରହିଛି। ଏହା ଖେଳିବା ଦ୍ୱାରା ପିଲାଙ୍କ ଆଖି ଓ ହାତର ସମନ୍ୱୟ ବୃଦ୍ଧି ପାଇବା ସହ ସେମାନଙ୍କର ଆବେଗିକ କ୍ଲେଶ କିଛି ମାତ୍ରାରେ ଦୂର ହୋଇଥାଏ। ହେଲେ ଅନ୍ୟପଟେ ଏହା ଖେଳିବା ଦ୍ୱାରା ସେମାନଙ୍କଠାରେ ନିଦ୍ରାହୀନତା, ମୋଟାପଣ, ଦୃଷ୍ଟିଶକ୍ତି ହ୍ରାସ ହେବା ଆଦି ସମସ୍ୟାର ଆଶଙ୍କା ବି ଥାଏ। ଏହାସହ କେତେକଙ୍କ ଠାରେ ମାନସିକ ଅବସାଦ, ନିଃସଙ୍ଗତା, ସାମାଜିକ ଉତ୍କଣ୍ଠାଜନିତ ଉନ୍ମାଦ, କ୍ରୋଧ, ହିଂସା ଆଦି ଲକ୍ଷଣ ଦେଖାଦେଇ ପିଲାର ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଅବନତି ଘଟାଇଥାଏ ।

ତେଣୁ ଏଥିରୁ ନିବୃତ୍ତ ରହିବା ପାଇଁ ଅଭିଭାବକମାନେ ପିଲାଙ୍କୁ ଅଧିକ ସମୟ ଦିଅନ୍ତୁ, କଥା ହୁଅନ୍ତୁ, ସେମାନଙ୍କ ପାଇଁ ଏକ ଭୟଶୂନ୍ୟ ବାତାବରଣ ସୃଷ୍ଟି କରନ୍ତୁ, ଅବସର ବିନୋଦନ ପାଇଁ ଯୋଜନା କରନ୍ତୁ ଏବଂ ଅନ୍‌ଲାଇନ ଗେମ୍‌ର ଅପକାରିତା ସମ୍ପର୍କରେ ସେମାନଙ୍କୁ ବୁଝାନ୍ତୁ। ଏହାଦ୍ୱାରା ପିଲାମାନେ ଧୀରେ ଧୀରେ ସଚେତନ ହୋଇ ଅନ୍‌ଲାଇନ ଗେମ୍‌ଠାରୁ ନିଜକୁ ଦୂରେଇ ରଖିବେ।

*–**ସୁଦାମ ସାହୁ**, ବିଭାଗୀୟ ମୁଖ୍ୟ, ମନସ୍ତତ୍ତ୍ୱ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

## କ'ଣ କୁହନ୍ତି ଏମାନେ...

### ନିଶା ପାଲଟିଥିଲା ଇ-ଗେମ୍



ପବ୍‌ଜି  ଖେଳିବା ସମୟରେ ଖାଇବା ପିଇବା ଭୁଲିଯାଉଥିଲି। ରାତି ଅନିଦ୍ରା ରହି ସାଙ୍ଗମାନଙ୍କ ସହ ଘଣ୍ଟା ଘଣ୍ଟା ଧରି ଖେଳୁଥିଲି। ଧୀରେ ଧୀରେ  ଲେଭଲ ଅପ୍ ନିଶାରେ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ  ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ଲାଗିଲି।  ମୋ ଠାରୁ ମୋବାଇଲ ନେଇଗଲେ ରାଗିକି ଖାଇବା ପିଇବା ମଧ୍ୟ ବନ୍ଦ କରିଦେଉଥିଲି। ମାଆ ମୋତେ ବହୁତ ବୁଝାଇବା ପରେ ଏହାଦ୍ୱାରା ମୋର କ'ଣ ଅସୁବିଧା ହେଉଛି ବୁଝିଲି। ସେବେଠୁ ଏହି ବଦଭ୍ୟାସ ଛାଡ଼ି ପାଠପଢ଼ାରେ ଗୁରୁତ୍ୱ ଦେଉଛି ଏବଂ ସମୟ ପାଇଲେ ଆଉଟ୍‌ଡୋର ଗେମ୍ ଖେଳୁଛି।

*–**ଶୁଭମ ମହାପାତ୍ର**, କ୍ଲାସ୍-୮, ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ସୋରଡ଼ା, ଗଞ୍ଜାମ*

### ଖେଳିବା ପ୍ରତି ସତର୍କ ରୁହେ



କରୋନା ସମୟରେ ବାହାରକୁ ବାହାରି ହେଉ ନ ଥିବା ବେଳେ ସାଙ୍ଗମାନଙ୍କ ସହ ଯୋଡ଼ିହୋଇ ରହିବାର ଭଲ ମଧ୍ୟମ ପାଲଟିଥିଲା ଅନ୍‌ଲାଇନ ଗେମ୍। ହେଲେ ଏହା ଯେତିକି ଭଲ ସେତିକି ଖରାପ। କାରଣ ଏହା ଥରେ ନିଶାରେ ପରିଣତ ହୋଇଗଲେ ଖେଳିବା ବେଳେ ଆମେ କ'ଣ କରୁ, କାହାକୁ କ'ଣ କହୁ ଜାଣି ହୁଏନି। ଏହାକୁ ବେଶି ଖେଳିବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପଡ଼ିଥାଏ। ଏହି ଗେମ୍ ଜଣ ଜଣଙ୍କୁ ଏମିତି ଭାବେ ବଶୀଭୂତ କରେ ଯେ, ସେମାନେ ନିଜ ଜୀବନ ଦେବାକୁ ବି ପଛାନ୍ତି ନାହିଁ। ତେଣୁ  ସେଭଳି ଅନ୍‌ଲାଇନ ଗେମ୍ ନ ଖେଳିବା ପ୍ରତି ସତର୍କ ରୁହେ। ସାଙ୍ଗସାଥୀ କିମ୍ବା ସାନ ପିଲାମାନଙ୍କୁ ମଧ୍ୟ ଏଭଳି ଗେମ୍ ନ ଖେଳିବାକୁ ପରାମର୍ଶ ଦିଏ।

*–**ଶୁଭସ୍ମିତା ପାତ୍ର**, କ୍ଲାସ୍-୧୦, ସେଣ୍ଟ ଜାଭିୟର ହାଇସ୍କୁଲ, ପୁରୀ*

– ସୁଚରିତା ପାତ୍ର


**୧** ସାଇ ଶିବେଶ ବେହେରା
କ୍ଲାସ- ୩, କାର୍ମେଲ ସ୍କୁଲ, ରାଉରକେଲା


**୨** ଦେବାଂଶୁ ଆଚାର୍ଯ୍ୟ
କ୍ଲାସ-୨, ବିବିଆଇଟି ପବ୍ଲିକ୍ ସ୍କୁଲ, ବୁଗିବୁଗି, କୋଲକାତା


**୩** ସ୍ୱୟଂପ୍ରଭୁ ମିଶ୍ର
କ୍ଲାସ-୫, ଭେଙ୍କଟେଶ୍ୱର ଇଂଲିଶ୍ ମିଡ଼ିୟମ୍ ସ୍କୁଲ, ଭୁବନେଶ୍ୱର


**୪** ରବି ନାରାୟଣ ପରିଜା
କ୍ଲାସ-୩, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର


**୫** ଅଭିଥା ଔରୋଲିସା
କ୍ଲାସ-୨, ନ୍ୟୁ ଷ୍ଟିୱାର୍ଟ ସ୍କୁଲ, ମିଶନ୍ ରୋଡ୍, କଟକ


**୬** ଅନନ୍ୟା ପାତ୍ର
କ୍ଲାସ-୨, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



**୭** ଶେଖର କୁମାର ସ୍ୱାଇଁ
କ୍ଲାସ-୭, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ


**୮** ଆରାଧ୍ୟା ରାଉତ
କ୍ଲାସ-୧, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର



**୯** ଶିବପ୍ରସାଦ ମହାପାତ୍ର
କ୍ଲାସ- ୪, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପୁରୀ



**୧୦** ଅଭିଷେକ ପୃଷ୍ଟି
କ୍ଲାସ- ୪, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ପୁରୀ


୧


୨


୩


୪


୫


୬


୭


୮


୯


୧୦

## ଶିଶୁ ପ୍ରତିଭା

# ଲକ୍ଷ୍ୟ ଅନ୍ତର୍ଜାତୀୟ ସ୍ତରରେ ରେକର୍ଡ





ଅନର୍ଗଳ ଶ୍ଲୋକ ଆବୃତ୍ତି କରିବା ହେଉ ଅବା ୧୦ରୁ ୧୭ ପର୍ଯ୍ୟନ୍ତ ପଣକିଆ କହିବା, ଦେଶର ଭୌଗୋଳିକ ଅବସ୍ଥିତି, ବିଭିନ୍ନ ରାଜ୍ୟର ରାଜଧାନୀ, କେନ୍ଦ୍ରଶାସିତ ଅଞ୍ଚଳର ନାମ କହିବା ହେଉ କି ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବିଷୟରେ କହିବା ପ୍ରତ୍ୟେକ ବିଭାଗରେ ଠିକ୍ ଉତ୍ତର ଦେଇ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏଭଳି ଜଣେ ଶିଶୁ ପ୍ରତିଭା ହେଉଛନ୍ତି ୫ ବର୍ଷୀୟ ଶ୍ରୀୟମ ରଣା। ଘର ଭୁବନେଶ୍ୱରରେ ହୋଇଥିଲେ ହେଁ ବର୍ତ୍ତମାନ ସେ ମାଆବାପାଙ୍କ ସହ ବେଙ୍ଗାଲୁରୁରେ ରହି କ୍ଲେ ପ୍ଲେ ସ୍କୁଲର ୟୁକେଜିରେ ପଢୁଛନ୍ତି। ସେ ଛୋଟ ବେଳୁ ହିଁ ଶ୍ଲୋକଗୁଡ଼ିକୁ ଶୁଣି ଶୁଣି ମନେ ରଖିପାରୁଥିଲେ। ମା' ଶିଳ୍ପା ସୋନାଲୀ ସାହୁ ଏବଂ ବାପା ତରୁଣ କୁମାର ରଣାଙ୍କ କହିବା ଅନୁସାରେ ସେ ଯେତେବେଳେ ୟୁ ଟ୍ୟୁବ୍‌ରୁ ଜଗନ୍ନାଥଙ୍କ ଭଜନ ଶୁଣୁଥିଲେ, ସେତେବେଳେ ଏହାକୁ ଶୁଣି ଶୁଣି ପ୍ରଥମେ ମନେ ରଖିଥିଲେ। ପରେ ପରେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଦୁର୍ଗା ଶ୍ଲୋକ, ମା' କାଳୀ ଶ୍ଲୋକ, ମହାବିଷ୍ଣୁ ସ୍ତୁତି ଆଦି ଗାଇ ଏଭଳି ରେକର୍ଡ କରିଛନ୍ତି। ପାଠରେ ମଧ୍ୟ ସେ କମ୍ ନୁହନ୍ତି। ଏହାଛଡ଼ା ଅବସର ସମୟରେ ପେଣ୍ଟିଂ କରିବା, ଗାର୍ଡେନିଂ, ବ୍ୟାଡ୍‌ମିଣ୍ଟନ ଖେଳିବା ଆଦିରେ ତାଙ୍କର ରୁଚି ରହିଛି। ଭବିଷ୍ୟତରେ ଆଇପିଏସ୍ ଅଫିସର ହେବା ପାଇଁ ଲକ୍ଷ୍ୟ ରଖିଥିବା ଶ୍ରୀୟମଙ୍କୁ ତାଙ୍କର ଏହି ସଫଳତା ପାଇଁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି। ଆଗକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନାଁ କରିବା ପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି।

## କବିତା



### ଶହୀଦ ସଦା ଅମର ରହେ

ସବୁ କାମ ଛାଡ଼ି ମାତୃଭୂମି ପାଇଁ
ସଜାଗ ଯେ ସଦା ରହେ
ଆଜୀବନ ତାକୁ ଯେତେ କଷ୍ଟ ଆସୁ
ହସି ହସି ସହିଯାଏ।।
ସତ୍ୟର ପୂଜାରୀ ମାତୃଭୂମି ପାଇଁ
ମନରେ ନ ଥିଲା ଭୟ
ଫାଶୀବେଳେ ସେହି ଗାନ କରୁଥିଲେ
ଭାରତ ମାତା କି ଜୟ।।
ଅଧୁନା ଦେଶର ନିଜ ସ୍ୱାର୍ଥ ପାଇଁ
ମନୁଷ୍ୟ ହୋଇଛି ବାଇ
ମାତୃଭୂମି କଥା ଚିନ୍ତା କରିବାକୁ
ସମୟ ତା' ପାଖେ ନାହିଁ।।
ରଖିଲେ ମନରେ ଆଗ ଦେଶ ସେବା
ମଣିଷରେ ଗଣା ହେବ,
ଶହୀଦ ଦିବସେ ଦୀପ ଦାନ କଲେ
ସେ ଆତ୍ମା ଶାନ୍ତି ପାଇବ।
ରହିଛନ୍ତି ଜଗି ଦେଶକୁ ଯବାନ
ସଦା ଉଜାଗର ରହି
ତାଙ୍କରି ଦୟାରୁ ଆମେ ତ ବଞ୍ଚିଛୁ
ଶାନ୍ତିରେ ପାରୁଛୁ ଶୋଇ।।
ହେ ଦାୟାଦ ତୁମେ ତାଙ୍କରି ସ୍ମୃତିକୁ
ସଦା ରଖିବ ଯେ ମନ
ଏ ସହିଦ ସଦା ଅମର ରହିବେ
ତାହାଙ୍କୁ କର ସଲାମ।।

**–ଭାସ୍କର ସାହୁ,** ଖାନନଗର, କଟକ



### ମା'ବାପା

ମା' ମା' ବୋଲି ସବୁ ପିଲା ଖୋଜେ
ଆଉ କାହାକୁ ଖୋଜୁଛି କିଏ
ମା' ସିନା ଝାଡ଼େ ଦେହର ଧୂଳିକୁ
ବାପା ଡାକ୍ତରଖାନା ନିଏ।
ମା' ବାଣ୍ଟିଦିଏ ମମତାର ମହୁ
ବାପା ବାଣ୍ଟିଥାନ୍ତି ରତ୍ନ।
ମା' ହାତରନ୍ଧା କୋଉଠି ମିଳେନା
ବାପା କରିଥାନ୍ତି ଯତ୍ନ
ମା ' କୋଳେ ମିଳେ ନିର୍ଭୟତା ପୁଣି।
ବାପା କୋଳେ ମିଳେ ଶାନ୍ତି
ମା' ସର୍ବଂସହା ଧରିତ୍ରୀ ଅଟଇ
ବାପା ନୀଳ ଆକାଶର କାନ୍ତି।
ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସେମାନେ
ଏକ ବିନା ଆନ ଅଧା
ବିଶ୍ୱ ବ୍ରହ୍ମାଣ୍ଡରେ ପରମ ଦେବତା
ତାଙ୍କ ବିନା ଲାଗେ ବାଧା।
ମା, ବାପା ଦୁହେଁ ଏମିତି ଚରିତ୍ର
ଛଳନା ଯାହାଙ୍କ ନାହିଁ
ସଂସାରେ ମିଳେନା ତାଙ୍କରି ସମାନ
ଭଲ ପାଇବାଟା କାହିଁ ।

**–ଗାୟତ୍ରୀ ବେହେରା,** ହିନ୍ଦୀ ଶିକ୍ଷକ,
ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ,
ମାର୍ଶାଘାଇ, କେନ୍ଦ୍ରାପଡ଼ା



### ବନ୍ଦେ ଉତ୍କଳ ଜନନୀ

ଜନନୀ ଜଠରୁ ପହିଲେ ପଡ଼ିଲି, ଯେଉଁ ପୁଣ୍ୟ ମାଟି ଛୁଇଁ ,
ପାଣି ପବନେ ଯା ଏଡୁଟିଏ ହେଲି, ସେ ମୋ ଜନମ ଭୂଇଁ,
ତା ଚରଣେ କୋଟି ପ୍ରଣାମ ସେ ମୋର, ପ୍ରିୟ ଉତ୍କଳ ଜନନୀ।।
ଐର ଖାରବେଳ, ଚୋଡ଼ ଗଙ୍ଗଦେବ, ଦିଗବିଜୟୀ ଧର୍ମାଶୋକ
ଏ ମାଟି ପାଇକ କେତେଯେ ନିର୍ଭୀକ,ରଖିଲେ ଓଡ଼ିଆ ଟେକ,
ରତ୍ନଗର୍ଭା ସ୍ୱର୍ଣ୍ଣପ୍ରସୂ ସେ ଉତ୍କଳ, ଧନ୍ୟ ଅଟେ ବନ୍ଦେ ଉତ୍କଳ।।
କଳାସ୍ଥାପତ୍ୟ ଯା ବିଶ୍ୱେ ବନ୍ଦନୀୟ,କୋଣାରକ ମୂକସାକ୍ଷୀ,
ଉତ୍କଳର ସ୍ୱାଭିମାନ ଜଗନ୍ନାଥେ,ଦେଖି ଆଖି ଯାଏ ଲାଖି,
ସେ ମାତୃଭୂମିର ସେବାକରି ମୋର, ବିତୁ ଦିବସ ରଜନୀ।।
ବିଚ୍ଛିନ୍ନ ଉତ୍କଳ ଏକତ୍ରୀକରଣେ, ଲାଗି ଆମ ମଧୁବାବୁ,
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରି, ଜଗାଇଲେ ସବୁ,
ଧନ୍ୟ କାନ୍ତକବି ଲକ୍ଷ୍ମୀକାନ୍ତ ରଚିଛ ବନ୍ଦେ ଉତ୍କଳ ଜନନୀ।।

**–ଲୀଳାବତୀ ପରିଡ଼ା**
କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ

## ଏଥରର

- ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ କିଏ ?
- ଓଡ଼ିଶାର ପ୍ରଥମ ରାଜଧାନୀ କେଉଁଠି ଥିଲା ?
- ପ୍ରଥମ ଓଡ଼ିଆ ଭାବରେ କିଏ ଜ୍ଞାନପୀଠ ପୁରସ୍କାର ପାଇଥିଲେ ?
- ପ୍ରଥମ ଓଡ଼ିଆ ପତ୍ରିକା ବୋଧଦାୟିନୀ କେଉଁଠି ପ୍ରକାଶ ପାଇଥିଲା ?
- ଓଡ଼ିଶାର ପ୍ରଥମ ଖବରକାଗଜ ?

## ଉତ୍ତର

### ଗତ ଥରର

- ୧୮
- ୧୪୭
- ୫୪୫
- ୫
- ନିର୍ବାଚନ ଆୟୋଗ

## କହିଲ ଦେଖି



ପାଞ୍ଚୋଟି ଅକ୍ଷରେ ନାମଟି ତାର
ଭାବରସ ଥାଏ ସେ କାହାଣୀର,
ପ୍ରଥମ ପଞ୍ଚମ ଯୋଗ କରିଲେ
ନିଜସ୍ୱ ଭାବନା ବୁଝାଏ ଭଲେ,
ଦ୍ୱିତୀୟ ଚତୁର୍ଥ ହୁଅଇ ଯୋଗ
ଜିତାପଟରେ ତା ନ ଥାଏ ଭାଗ,
ତୃତୀୟ ପଞ୍ଚମ ହୁଏ ଯେ ଯୋଗ
ଖାଦ୍ୟ ରୂପେ ବଛା ହୁଏଟି ଆଗ,
ଏହି ନାମଟିକୁ ଯିଏ କହିବ
ସବୁଠୁ ଚତୁର ସିଏ ହୋଇବ।
ଉତ୍ତର – **ମହାଭାରତ**



ଚାରୋଟି ଅକ୍ଷରେ ନାମଟି ତାର
ଅଭୁଲା ପ୍ରତିଭା ଅଟେ ସ୍ମୃତିର,
ଦ୍ୱିତୀୟ ତୃତୀୟ ଯୋଗ ହୋଇଲେ
ପବିତ୍ର ବନ୍ଧନ ବୁଝାଏ ଭଲେ,
ତୃତୀୟ ଚତୁର୍ଥ ଯୋଗରେ ଜାଣ
ରୂପ ଚହଟଇ ଶୋଭାରେ ପୁଣ,
ଚତୁର୍ଥ ପ୍ରଥମ ଯୋଗ ହୁଏଟି
ପରବ ଭିତରେ ସାର ସିଏଟି,
ଏହି ନାମଟିକୁ ଯିଏ କହିବ
ଜ୍ଞାନୀଗଣରେ ଯେ ତାକୁ ଗଣିବ।
ଉତ୍ତର – **ଜବାହର**

ପାଞ୍ଚୋଟି ଅକ୍ଷରେ ନାମ ତାହାର
ଶ୍ରୀଚରଣେ ତାଙ୍କ କୋଟି ଜୁହାର,
ପ୍ରଥମ ଦ୍ୱିତୀୟ ଯୋଗ କରିଲେ
ବର୍ଣ୍ଣ ପ୍ରକାରକୁ ବୁଝାଏ ଭଲେ,
ତୃତୀୟ ଦ୍ୱିତୀୟ ଯୋଗରେ ଜାଣ
ଲମ୍ବି ଶୋଭାପାଏ ଗଳାରେ ପୁଣ,
ଏହି ନାମଟିକୁ ଯିଏ କହିବ
ଆଶିଷ ତାଙ୍କର ସିଏ ଲଭିବ।
ଉତ୍ତର – **ନୀଳମାଧବ**



**–ଦେବାଶିଷ ରଥ**
ରାମେଶ୍ୱର, ଖୋର୍ଦ୍ଧା



## ସବୁଠୁ ଉତ୍ତପ୍ତ ଓ ଥଣ୍ଡା ସ୍ଥାନ

୨୦୧୬ ମସିହାରେ ରେକର୍ଡ କରାଯାଇଥିବା ତାପମାତ୍ରା ଅନୁସାରେ ରାଜସ୍ଥାନର ଫାଲୋଡି ସହର ଭାରତର ସବୁଠୁ ଉତ୍ତପ୍ତ ସ୍ଥାନ, ଯେଉଁଠି ତାପମାତ୍ରା ରହିଥିଲା ୫୧ ଡିଗ୍ରୀ ସେଲସିୟସ୍। ସେହିପରି ଦ୍ରାସ ଭ୍ୟାଲି ହେଉଛି ଅଧିକ ଥଣ୍ଡା ହେଉଥିବା ସ୍ଥାନ, ଯେଉଁଠି ତାପମାତ୍ରା ଥିଲା -୬୦ ଡିଗ୍ରୀ ସେଲସିୟସ୍।

# ଜଣା ଅଜଣା



## ଗୁଣ୍ଡୁଚିମୂଷା ରହସ୍ୟ

ତୁମେମାନେ ଜାଣିଛ କି, ଗୁଣ୍ଡୁଚିମୂଷାଙ୍କର ଆଗ ଦାନ୍ତ ବଢ଼ିବା କେବେହେଲେ ବନ୍ଦ ହୋଇ ନ ଥାଏ। ବର୍ଷକୁ ପ୍ରାୟ ୬ ଇଞ୍ଚ ବା ୧୫ ସେ.ମି ଯାଏ ଏହା ବଢ଼ିଥାଏ। ଶତ୍ରୁ କବଳରୁ ନିଜକୁ ବଞ୍ଚାଇବା ପାଇଁ ଏମାନେ ଜିଗ୍‌ଜାଗ୍ ଭାବେ ଗତି କରିଥାନ୍ତି।



## ପୃଥିବୀର ସବୁଠୁ ବଡ଼ ମାଙ୍କଡ଼

ମନ୍‌ଡ୍ରିଲ୍ସ ହେଉଛି ପୃଥିବୀର ସବୁଠୁ ବଡ଼ ମାଙ୍କଡ଼। ଟ୍ରପିକାଲ ରେନ୍‌ଫରେଷ୍ଟର ସେଣ୍ଟ୍ରାଲ୍ ୱେଷ୍ଟ ଆଫ୍ରିକାରେ ଏମାନେ ମୁଖ୍ୟତଃ ଦେଖାଯାଆନ୍ତି। ଏମାନଙ୍କର ଭାଇବ୍ରାଣ୍ଟ ରଙ୍ଗ ପାଇଁ ଏମାନଙ୍କୁ ସହଜରେ ଜାଣିହୁଏ। ଏମାନଙ୍କର ମୁହଁ ଏବଂ ପଛ ଭାଗର ରଙ୍ଗ ସାଧାରଣ ମାଙ୍କଡ଼ମାନଙ୍କଠାରୁ ଅଲଗା। ପୁରୁଷ ମାଙ୍କଡ଼ମାନଙ୍କ ଓଜନ ସାଧାରଣତଃ ୫୫ରୁ ୧୧୯ ପାଉଣ୍ଡ ହୋଇଥିବାବେଳେ ମହିଳା ମାଙ୍କଡ଼ମାନଙ୍କ ଓଜନ ୨୫ ପାଉଣ୍ଡ ହୋଇଥାଏ।

# ସର୍ବକନିଷ୍ଠ ମାଗାଜିନ୍ ଏଡିଟର୍

**ଗିନିଜ ୱାର୍ଲ୍ଡ ରେକର୍ଡ**

ଆଜିକାଲି ଅନେକ ପିଲା ପାଠ ପଢ଼ା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ଚର୍ଚ୍ଚାର ପରିସରକୁ ଆସୁଛନ୍ତି। ସେପରି ଜଣେ ପ୍ରତିଭା ହେଲେ ରୋକ୍ସାନି। ତାଙ୍କର ବୟସ ମାତ୍ର ୮ ବର୍ଷ। ହେଲେ ଏତେ କମ୍ ବୟସରେ ସେ ଏକ ମାଗାଜିନ୍‌ର ସମ୍ପାଦନା ପରି ଗୁରୁ ଦାୟିତ୍ୱ ତୁଲାଇବା ସହ ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ ଅର୍ନ୍ତଭୁକ୍ତ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ଦ୍ୱାରା ସମ୍ପାଦିତ ଏହି ମାଗାଜିନ୍‌ର ଟାଇଟଲ ରହିଛି 'ଇଟ୍ ଗାର୍ଲ'। ଅଷ୍ଟ୍ରେଲିଆରେ ଜନ୍ମିତା ରୋକ୍ସାନି ଏହାର ସମ୍ପାଦକୀୟ ମଧ୍ୟ ଲେଖିଥାଆନ୍ତି। ତା' ସହ ବିଭିନ୍ନ ସାମ୍ପ୍ରତିକ ଘଟଣାକୁ ଆଧାର କରି ଆର୍ଟିକିଲ ଲେଖିଥାଆନ୍ତି ସେ। ଏ ସମ୍ପର୍କରେ ସେ କୁହନ୍ତି, 'ଏହି ମାଗାଜିନ୍ ସମ୍ପାଦନା ଦାୟିତ୍ୱ ତୁଲାଇବା ସହ ପାଠ ପଢ଼ାକୁ ମଧ୍ୟ ଗୁରୁତ୍ୱ ଦିଏ। ପିଲାମାନଙ୍କର ପସନ୍ଦ ବିଷୟରେ ପ୍ରଥମେ ମୁଁ ଅବଗତ ହୁଏ। ସେମାନଙ୍କ ପାଇଁ କେଉଁ ଜିନିଷ ଶିକ୍ଷଣୀୟ ହୋଇପାରିବ ସେ ନେଇ ସବୁବେଳେ ଜାଣିବାକୁ ଚେଷ୍ଟା କରେ। ଆଉ ସେସବୁ ବିଷୟକୁ ମୁଁ ଏହି ଶିଶୁ ମାଗାଜିନ୍‌ରେ ସ୍ଥାନ ଦେଇଥାଏ। ମୋ ମତରେ ରେକର୍ଡ ବ୍ରେକ୍ କରିବା ପାଇଁ କୌଣସି ବୟସ ସୀମା ନ ଥାଏ। ମୋର ନିଷ୍ଠା ଓ କଠିନ ପରିଶ୍ରମ ଯୋଗୁ ମୋ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି।'



# ଆଇନା



ରୌନକ ଓଝା
୬ ବର୍ଷ
ଭୁବନେଶ୍ୱର



ଆଦ୍ୟାଶା ସାହୁ
୧୨ ବର୍ଷ
ଭଦ୍ରକ



ଶ୍ରୀୟା ପଲ୍ଲବୀ
୫ ବର୍ଷ
କଟକ